# NATIONAL NEWS BULLETIN (ODIA)

## 28 October - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ ଆଜି ଭଦୋଦରାଠାରେ ଟାଟା ଏୟାରକ୍ରାଫ୍ଟ କଂପ୍ଲେକ୍ସର କରିବେ ଉଦ୍‌ଘାଟନ ।
- ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ ହେବ, କହିଲେ ଉପରାଷ୍ଟ୍ରପତି ।
- ସଂସଦ ଏବଂ ବିଧାନସଭାରେ ସାଧାରଣ ଲୋକଙ୍କର ସ୍ୱର ଉତ୍ତୋଳିତ ହୋଇପାରିଲେ ଗଣତାନ୍ତ୍ରିକ ମୂଲ୍ୟବୋଧ ଆହୁରି ସମୃଦ୍ଧ ହେବ, କହିଲେ ଲୋକସଭା ବାଚସ୍ପତି ।
- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିବସ ।

ଏବଂ

- ଦ୍ୱିତୀୟ ଆନ୍ତର୍ଜାତିକ ଦିନିକିଆ ମହିଳା କ୍ରିକେଟ୍‌ରେ ଭାରତ ନ୍ୟୁଜିଲ୍ୟାଣ୍ଡଠାରୁ ୭୬ ରନ୍‌ରେ ପରାସ୍ତ ।

## ପି.ଏମ୍. - ଗୁଜରାଟ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜରାଟ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦି ସ୍ପେନ୍

ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍‌ଙ୍କ ସହ ଭଦୋଦରାଠାରେ ସି.-୨୯୫ ବିମାନ ଉତ୍ପାଦନପାଇଁ ଟାଟା ଏୟାରକ୍ରାଫ୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ସାମରିକ ବିମାନ ପାଇଁ ଏହା ଭାରତରେ ପ୍ରଥମ ଘରୋଇ କ୍ଷେତ୍ର ଫାଇନାଲ୍ ଆସେମ୍ବଲ୍ ଲାଇନ୍ ଉତ୍ପାଦନ ସଂସ୍ଥା ହେବ ।ଏହି ପ୍ରକଳ୍ପ ମେକ୍ ଇନ୍ ଇଣ୍ଡିଆ ଅଭିଯାନର ଏକ ଅଂଶବିଶେଷ । ଭାରତ ଏବଂ ସ୍ପେନ୍ ମଧ୍ୟରେ ବୃଦ୍ଧି ପାଉଥିବା ଦ୍ୱିପାକ୍ଷିକ ରଣନୈତିକ ସଂପର୍କ ଉପରେ ଏହି ପ୍ରକଳ୍ପ ପର୍ଯ୍ୟବେସିତ । ୨୦୨୨ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭଦୋଦରାରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଭାରତ ଆବଶ୍ୟକ କରୁଥିବା ମୋଟ୍ ୫୬ଟି ସି.-୨୯୫ ସାମରିକ ବିମାନ ମଧ୍ୟରୁ ୪୦ଟି ଭଦୋଦରା ଠାରେ ଉତ୍ପାଦିତ ହେବାକୁ ଥିବା ବେଳେ ଅନ୍ୟ ୧୬ଟି ସ୍ପେନ୍‌ର ବିମାନ ଚଳାଚଳ କମ୍ପାନୀ ଏୟାରବସ୍ ଦ୍ୱାରା ଯୋଗାଇ ଦିଆଯିବ । ୨୦୨୬ ସେପ୍ଟେମ୍ବର ମାସ ସୁଦ୍ଧା ପ୍ରଥମ ବିମାନ ପ୍ରସ୍ତୁତ ହେବା ନେଇ ଆଶା କରାଯାଉଛି ।

ଭଦୋଦରାଠାରେ ପହଞ୍ଚିବା ପରେ ଉଭୟ ନେତା ଏକ ରୋଡ୍‌ଶୋ'ରେ ଅଂଶଗ୍ରହର କରିବେ । ପରେ ଲକ୍ଷ୍ମୀ ବିଳାସ ପ୍ୟାଲେସ୍ ପରିଦର୍ଶନ କରିବା ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି। ଏଥିସହ ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅନ୍ୟ କେତେକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ।

# ଭିପି-ଆସାମ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ଜାପାନ, ଜର୍ମାନୀ ଏବଂ ଅନ୍ୟ ବିକଶିତ ରାଷ୍ଟ୍ରକୁ ପଛରେ ପକାଇ ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ଅର୍ଥନୀନୈତିକ ରାଷ୍ଟ୍ରରେ ପରିଣତ ହେବ । ଗୁଆହାଟୀଠାରେ ଆୟୋଜିତ

କ୍ରିଷ୍ଣାଗୁରୁ ଆନ୍ତର୍ଜାତିକ ଆଧ୍ୟାତ୍ମିକ ଯୁବସମାଜର ୨୧ତମ ଆନ୍ତର୍ଜାତିକ ସମ୍ମିଳନୀକୁ ସମ୍ବୋଧନ କରି ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଏହା କହିଛନ୍ତି । ସେ କହିଛନ୍ତି ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏକ ସମ୍ପଦ ଏବଂ ଏହା ୫ ହଜାର ବର୍ଷରୁ ଅଧିକ ପୁରାତନ । ଏହି କାର୍ଯ୍ୟକ୍ରମରେ ଆସାମ ରାଜ୍ୟପାଳ ଲକ୍ଷ୍ମଣ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ପ୍ରମୁଖ ଯୋଗ ଦେଇଥିଲେ ।

## ଶାହା-ଲ୍ୟାଣ୍ଡପୋର୍ଟ

ପଶ୍ଚିମବଙ୍ଗରେ ବିଜେପିର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ଲାଗି ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦଳର ରାଜ୍ୟସ୍ତରୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । କୋଲକାତା ସଲ୍‌ଟଲେକ୍ ସିଟିସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରରେ ଗତକାଲି ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହା ଏହା କହିଛନ୍ତି । ଆସନ୍ତା ୨୦୨୬ ବିଧାନସଭା ନିର୍ବାଚନରେ ରାଜ୍ୟ ସରକାରଙ୍କୁ ବଦଳାଇବାକୁ ଶ୍ରୀ ଶାହା ପଶ୍ଚିମବଙ୍ଗବାସୀଙ୍କୁ  ଅନୁରୋଧ କରିଛନ୍ତି । ବିଜେପି ବିଜୟୀ ହେଲେ ବାଂଲାଦେଶ ସୀମା ଦେଇ ବେଆଇନ ଅନୁପ୍ରବେଶ ଏବଂ ପଶ୍ଚିମବଙ୍ଗରେ ଦୁର୍ନୀତି ବନ୍ଦ ହୋଇପାରିବ ବୋଲି ସେ କହିଛନ୍ତି । ଏଥିସହ ଆୟୁଷ୍ମାନ ଭାରତ ସମେତ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସୁଫଳ ପଶ୍ଚିମବଙ୍ଗବାସୀ ପାଇପାରିବେ । ଶ୍ରୀ ଶାହା କହିଛନ୍ତି ୟୁପିଏ ଶାସନ ସମୟରେ ପଶ୍ଚିମବଙ୍ଗ ସରକାର ମନରେଗା ଯୋଜନାରେ ମାତ୍ର ୧୫ ହଜାର କୋଟି ଟଙ୍କା ପାଇଥିଲେ । କେନ୍ଦ୍ରର ଏନ୍‌ଡିଏ ସରକାର ଏପର୍ଯ୍ୟନ୍ତ ରାଜ୍ୟସରକାରଙ୍କୁ ୫୪ ହଜାର କୋଟି ଟଙ୍କା ପ୍ରଦାନ କରିସାରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

# ଭୁବନେଶ୍ୱର-ଓମ୍ ବିର୍ଲା

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ସମାଜର ସବୁଠାରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ କଲ୍ୟାଣ ପାଇଁ ପ୍ରୟାସ ହେବା ଆବଶ୍ୟକ । ସଂସଦ ଏବଂ ବିଧାନସଭାରେ ସାଧାରଣ ଲୋକଙ୍କର ସ୍ୱର ଉତ୍ତୋଳିତ ହୋଇପାରିଲେ ଗଣତାନ୍ତ୍ରିକ ମୂଲ୍ୟବୋଧ ଆହୁରି ସମୃଦ୍ଧ ହୋଇପାରିବ । ଜନପ୍ରତିନିଧିମାନେ ଏ ଦିଗରେ କାର୍ଯ୍ୟ କରିବାକୁ ଶ୍ରୀ ବିର୍ଲା ପରାମର୍ଶ ଦେଇଛନ୍ତି । ଦିନିକିଆ ଓଡ଼ିଶା ଗସ୍ତରେ ଆସି ଗତକାଲି ଶ୍ରୀ ବିର୍ଲା ଭୁବନେଶ୍ୱରରେ ଆୟୋଜିତ ଏକ ସଭାରେ ଉଦ୍‌ବୋଧନ ଦେବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦକ୍ଷ ନେତୃତ୍ୱ ଯୋଗୁଁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପାଇଁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଭାରତର ପଥ ଅନୁସରଣ କରୁଛନ୍ତି । ବିଶ୍ୱର ଦୃତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ର ଭାବରେ ଭାରତ ସ୍ଥାନୀତ ହୋଇଥିବା ବେଳେ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଉଦ୍‌ଭାବନ  ଗତିଶୀଳ ହୋଇଛି । ତେବେ ବିକଶିତ ଭାରତ ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

# ମହା-କ୍ୟାଣ୍ଡିଡେଟ୍ ଲିଷ୍ଟ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଚତୁର୍ଥ ପର୍ଯ୍ୟାୟରେ ୧୪ ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି ।  ପଶ୍ଚିମ ଅନ୍ଧେରୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଅଶୋକ ଯାଦବ' ସଚିନ ସାୱନ୍ତଙ୍କ ବଦଳରେ ପ୍ରାର୍ଥୀ ହୋଇଛନ୍ତି । ନାନାସୋପାରା ବିଧାନସଭା ମଣ୍ଡଳୀର ସନ୍ଦୀପ ପାଣ୍ଡେ ଏବଂ ଶିବାଜୀନଗରରୁ ଦତ୍ତାତ୍ରେୟ ବହିରତ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବେ ।

ସେହିଭଳି ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗତକାଲି  ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଓ୍ୱର୍ଲି ଆସନରୁ ମିଲିନ୍ଦ ଦେଓରା ନିର୍ବାଚନ ଲଢ଼ିବେ । ସେଠାରୁ ଶିବସେନା ୟୁବିଟିର ଆଦିତ୍ୟ ଥାକ୍‌ରେ ପ୍ରାର୍ଥୀ ହୋଇଛନ୍ତି । ଶିବସେନାର ସଞ୍ଜୟ ନିରୂପମ ଦିନ୍‌ଦୋଷୀ ଆସନରୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ ନିଲେସ୍ ରାଣେ କୁଦାଲ ଆସନରୁ ପ୍ରାର୍ଥୀ ହୋଇଛନ୍ତି । ଏହାକୁ ମିଶାଇ ଏକନାଥ ସିନ୍ଦେଙ୍କ ଶିବସେନା ଦଳ ଏପର୍ଯ୍ୟନ୍ତ ୬୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିବସ । ନଭେମ୍ବର ୨୦ ତାରିଖରେ ଭୋଟ୍ ଗ୍ରହଣ କରାଯିବ ଏବଂ ୨୩ ତାରିଖରେ ଫଳାଫଳ ପ୍ରକାଶ ପାଇବ ।

# ଭିଜିଲାନ୍ସ ଆଓ୍ୱାରନେସ୍ ଓ୍ୱିକ୍

ସାର୍ବଜନୀନ ଜୀବନରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଲକ୍ଷ୍ୟରେ ଆଜିଠାରୁ ସମଗ୍ର ଦେଶରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଦେଶ ସମୃଦ୍ଧି ପାଇଁ ଅଖଣ୍ଡତାର ସଂସ୍କୃତି ।** ସାଧାରଣ ପ୍ରଶାସନରେ ନୈତିକତା ଏବଂ ସ୍ୱଚ୍ଛତାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି । ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାର କର୍ମଚାରୀ ଶପଥପାଠ ମାଧ୍ୟମରେ ସପ୍ତାହ ପାଳନ ଆରମ୍ଭ କରାଯିବ । ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଉଛି । ସୂଚନାଯୋଗ୍ୟ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ

ଜନ୍ମସପ୍ତାହ ପାଳନ ଅବସରରେ ପ୍ରତ୍ୟେକବର୍ଷ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଥାଏ ।

## ଜାପାନ ଇଲେକ୍ସନ

ଜାପାନର ଶାସକ ମେଣ୍ଟ ନିମ୍ନସଦନରେ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନାହିଁ । ଗତକାଲି ଅନୁଷ୍ଠିତ ମତ ଗ୍ରହଣ ପରେ ଫଳାଫଳରୁ ଏହା ସ୍ପଷ୍ଟ ହୋଇଛି । ପରବର୍ତ୍ତୀ ସରକାର ଗଠନ ଆଭିମୁଖ୍ୟ ନେଇ ବିଶ୍ୱର ଏହି ଚତୁର୍ଥ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ରରେ ଅନିଶ୍ଚିତତା ଦେଖାଦେଇଛି । ନିମ୍ନସଦନର ୪୬୫ ଆସନ ମଧ୍ୟରୁ ୨୮୯ଟି ଆସନ ଲାଗି ସିଧାସଳଖ ସଂସଦ କ୍ଷେତ୍ର ଆଧାରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଅନ୍ୟ ୧୭୬ଟି ଆସନକୁ ବିଜୟୀ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ମାଧ୍ୟମରେ ଦେଶକୁ ୧୧ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇ ପୂରଣ କରାଯାଇଛି ।

ଲିବରାଲ ଡେମୋକ୍ରାଟିକ ପାର୍ଟିର ମୁଖ୍ୟ ତଥା ଜାପାନର ପ୍ରଧାନମନ୍ତ୍ରୀ ସିଗେରୁ ଇସିବାଙ୍କ ଶାସକ ମେଣ୍ଟ ୨୦୯ଟି ଆସନ ପାଇଥିବା ସେଠାକାର ସରକାରୀ ପ୍ରସାରଣ ସଂସ୍ଥା ଏନ୍‌ଏଚ୍‌କେ କହିଛି । ପ୍ରମୁଖ ବିରୋଧୀ ଦଳ ସିଡିପିଜେ ଏପର୍ଯ୍ୟନ୍ତ ୧୪୩ ଟି ଆସନ ଅକ୍ତିଆର କରିଛି । ପୂର୍ବ ନିର୍ବାଚନ ତୁଳନାରେ ୯୮ଟି ଆସନ ଅଧିକ ପାଇଛି । ପାଣ୍ଠି ଦୁର୍ନୀତି ଏବଂ ମୁଦ୍ରାସ୍ଫୀତି ପ୍ରସଙ୍ଗ ନେଇ ଭୋଟର ଶାସକ ଦଳକୁ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି ।

## ଇସ୍ରାଏଲ୍-ଇରାନ କନ୍‌ଫ୍ଲିକ୍ଟ

ଇସ୍ରାଏଲ୍‌ର ଆକାଶମାର୍ଗରୁ ଆକ୍ରମଣର ଜବାବ ନେଇ ବିଚାର କରାଯାଉଛି ବୋଲି ଇରାନର ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ କହିଛନ୍ତି । ସେ କହିଛନ୍ତି

ତେହେରାନ୍ ଯୁଦ୍ଧ ଚାହୁଁନାହିଁ । କିନ୍ତୁ ଇସ୍ରାଏଲ୍ ଆକ୍ରମଣ ଉଚିତ ଜବାବ ଦିଆଯିବ । ଜାତିସଂଘ ସୁରକ୍ଷା ପରିଷଦ ଆଜି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଂଶ ଗ୍ରହଣ କରିବାକୁ ଇରାନକୁ ଆମନ୍ତ୍ରଣ କରାଯାଇଛି । ଆମେରିକା କହିଛି ମଧ୍ୟପ୍ରାଚ୍ୟର ବୃହତ୍ତମ ସାମରିକ ଶକ୍ତିଙ୍କ ମଧ୍ୟରେ ଯେସାକୁ ତେସା ନୀତିରେ ଆକ୍ରମଣ ଚିନ୍ତା ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ ଯୁଦ୍ଧର କାରଣ ହୋଇପାରେ । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗତକାଲି କହିଛନ୍ତି ବାୟୁସେନା ସମଗ୍ର ଇରାନ ଉପରେ ଆକ୍ରମଣ କରିଛି । ଏହା ଇରାନର  କ୍ଷେପଣାସ୍ତ୍ର ଉତ୍ପାଦନ କ୍ଷେତ୍ର ଗୁଡ଼ିକ ଉପରେ ଆକ୍ରମଣ କରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡେଙ୍ଗୁର କାରଣ, ଲକ୍ଷଣ ଏବଂ ପ୍ରତିକାର** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଲେଡି ହାର୍ଡିଙ୍ଗେ ମେଡ଼ିକାଲ କଲେଜର ମେଡିସିନ୍ ବିଭାଗର ପ୍ରଫେସର ଡାକ୍ତର ଅନୁପମ ପ୍ରକାଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ମହିଳା କ୍ରିକେଟ୍

ଅହମ୍ମଦାବାଦଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତିକ ଦିନିକିଆ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଭାରତ ନ୍ୟୁଜିଲ୍ୟାଣ୍ଡଠାରୁ ୭୬ ରନ୍‌ରେ ପରାସ୍ତ ହୋଇଛି । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୫୦ ଓଭର୍‌ରେ ୯ ଓ୍ୱିକେଟ୍ ବିନିମୟରେ ୨୫୯ ରନ୍ ସଂଗ୍ରହ କରିଥିଲା । ୨୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଭାରତ ୪୭ ଓଭର ଏବଂ ଗୋଟିଏ ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୮୩ ରନ୍ ସଂଗ୍ରହ କରିଥିଲା । ଏଥିସହ ଏହି ୩ଟିକିଆ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ରହିଛନ୍ତି । ପ୍ରଥମ ଦିନିକିଆ ଆନ୍ତର୍ଜାତିକକୁ ଭାରତ ୫୯ ରନ୍‌ରେ ଜିତିଥିଲା ।

ଆସନ୍ତାକାଲି ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।